ବୁଧବାର
ଏପ୍ରିଲ ୫
୨୦୧୭
97 YEARS OF EXCELLENCE 1919-2016

# ସାଂଘାଇ (ଚୀନ୍) ବିଶ୍ୱବିଦ୍ୟାଳୟ ଓ ଆଇଆଇଟି କର୍ମଶାଳା



ଜଟଣୀ,୪।୪(ନି.ପ୍ର): ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମିଳିତ ସହଯୋଗ ବୁଝାମଣା ଚୁକ୍ତିର ସମୀକ୍ଷା ଓ ଏହାର ଅଗ୍ରଗତି ସମ୍ପର୍କରେ ଜଟଣୀ ଅଞ୍ଚଳସ୍ଥିତ ଭୁବନେଶ୍ୱର ଆଇଆଇଟି ସଭା କକ୍ଷରେ ଚୀନ୍‌ର ସାଂଘାଇ ଜିଓ ଟଙ୍ଗ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସାଂପ୍ରତିକ ଧାରାରେ ଘନୀକରଣ ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ଏବଂ ଏକବିଂଶ ଶତାବ୍ଦୀରେ ସମାଜ ସମ୍ମୁଖୀନ ହେବାକୁ ଥିବା ବୈଷୟିକ ଆହ୍ୱାନକୁ ମୁକାବିଲା କରିବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା । ୨୬ ମେ ୨୦୧୬ରେ ଖଣିଜ ସମ୍ପଦ,ଧାତୁ ବିଜ୍ଞାନ ଏବଂ ବସ୍ତୁ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ବୈଷୟିକ ଶିକ୍ଷା ଓ ଗବେଷଣା ପାଇଁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଚୀନ୍ ଗସ୍ତ ଅବସରରେ ସାଂଘାଇ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ଆଇଆଇଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହାକୁ ନିରନ୍ତର ରଖିବା ନିମନ୍ତେ ସାଂଘାଇ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ମଧ୍ୟରେ ମଙ୍ଗଳବାର ଆଇଆଇଟି ଠାରେ ବୁଝାମଣାପତ୍ରକୁ ବୃଦ୍ଧି କରାଯାଇଥିଲା । ଆଇଆଇଟିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆର.କେ.ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ସାଂଘାଇ ଜିଓଟଙ୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ଜିଆଙ୍ଗ ଲି, ପ୍ରଫେସର ମିଙ୍ଗୁସ ସିଆ, ପ୍ରଫେସର କ୍ୱାଓଦନ ହୁ, ଓ୍ୱେନକୁଁଆ ଲୁ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ବି.କେ ଧାନ୍ଦା ଏମଏମଏମଇର ବିଭିନ୍ନ କାର୍ଯ୍ୟକ୍ରମ, ଶିକ୍ଷା ଓ ଗବେଷଣା ଉପରେ ଆଲୋକପାତ କରିଥିଲେ । ଆଇଆଇଟି ଯୁଗ୍ମ କୁଳ ସଚିବ ଦେବରାଜ ରଥ ଏବଂ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।